## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି

ଛତ୍ରପୁର,୫।୨(ଦିଲୀପ ସାମଲ) : ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଉପସ୍ଥିତ ଥିଲେ। କେତେକ ଅଭିଯୋଗର ଆସୁ ସମାଧାନ ହୋଇଥିବା ବେଳେ ଆଉ କେତେକର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଜିଲାର ସମୁଦାୟ ୨୭୪ଟି ଆବେଦନର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୨୫୨ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୨ଟି ଅଭିଯୋଗ ସାମୂହିକ ଥିଲା। ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ଜଣଙ୍କୁ ହୁଇଲଚ୍ୟାୟାର ଏବଂ ଦୁଇଜଣ ଦୃଷ୍ଟିହୀନ ଯୁବକଙ୍କୁ ଲାପ୍‌ଟପ ବଣ୍ଟନ କରାଯାଇଥିଲା। ସେହିପରି ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଟଙ୍କା ଏବଂ ଆଉ ଜଣକୁ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲାପରିଷଦ ସିଡିଓ ମଧୁମିତା, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୫।୨(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ବୋମକେଇ ଗ୍ରାମ ସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ୮ ଦିନ ବ୍ୟାପୀ ଅନୁଷ୍ଠିତ ଏହି ତାଲିମ ଶିବିରରେ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଦୁଲଣା କୁମାରୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବୋମକେଇ ଗ୍ରାମ ୟୁଜିବି ବ୍ୟାଙ୍କ ଶାଖା ପରିଚାଳକ ମୋନାଲିସା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ମାଷ୍ଟର ଟ୍ରେନର ଭାବେ ରାକ୍ଷୀ କୁମାରୀ ସାହୁ ୧୧୦ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ସମ୍ପର୍କିତ ବିଭିନ୍ନ କଳା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ଟ୍ରାକ୍ଟର ଧକ୍କାରେ ମହିଳା ମୃତ

ପୁରୁଷୋତ୍ତମପୁର,୫।୨ (ସିମାଞ୍ଚଳ ମିଶ୍ର) ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାର କେଶପୁର ଛକ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଣା ବ୍ରହ୍ମପୁରର କସ୍ତୁରି ଦାସ (୪୫)। କସ୍ତୁରି ତାଙ୍କ ପୁଅ ସଞ୍ଜୟ ଦାସଙ୍କ ସ୍କୁଟି (ନଂ ଓଡି ୦୭ ଡବ୍ଲୁ୯୨୬) ଯୋଗେ ଗୋଠିଆଲି ଗ୍ରାମରେ ଥିବା ତାଙ୍କ ଝିଅ ଘରକୁ ଆସି ନିଜ ଗ୍ରାମକୁ ଫେରୁଥିବା ବେଳେ ପଛପଟୁ ଏକ ଟ୍ରାକ୍ଟର (ନଂ ଓଡି ୦୭ ଏଏନ ୮୦୩୬) ଦ୍ରୁତ ଗତିରେ ଯାଇ ଧକ୍କା ଦେଇଥିଲା। ଫଳରେ ଉଭୟେ ମା' ପୁଅ ଆହାତ ହୋଇଥିଲେ। ସ୍ଥାନିୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କସ୍ତୁରିଙ୍କ ମୃତ୍ୟୁ ଘଟିଛି। ପାଲିସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛନ୍ତି।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା

ଫିରିଙ୍ଗିଆ,୫।୨(ବିକ୍ରମ ଦିଗାଲ)

ସୋମବାର ନୂଆପଦର ପଞ୍ଚାୟତଠାରେ ମଧ୍ୟ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭବାନୀ ଶଙ୍କର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଫିରିଙ୍ଗିଆ ୧୩ନଂ. ଜୁନ୍‌ର ଜିଲା ପରିଷଦ ଜୟଶ୍ରୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରା ସମ୍ମାନିତ ଅତିଥି ଭାବେରେ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କୃଷି, ଉଦ୍ୟାନ, ଅଙ୍ଗନୱାଡି, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କିଙ୍ଗ୍ ସେବା ଭଳି ଥିବା ବିଭିନ୍ନ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଥିଲା।

# ପଦବୀକୁ ନେଇ ୨ ନିର୍ବାହୀ ଅଧିକାରୀଙ୍କ ଛକାପଞ୍ଝା

## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା

ପାରଳାଖେମୁଣ୍ଡି, ୫।୨ (ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡି ପୌର ପରିଷଦରେ ଏବେ ଦୁଇ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିବା ଦେଖିବାକୁ ମିଳିଛି। ତେବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏହି ଦୁଇ ଅଧିକାରୀଙ୍କ ମଧ୍ୟରେ କାର୍ଯ୍ୟ ତୁଲାଇବା ପାଇଁ ପ୍ରତିଯୋଗିତା ଲାଗିରହିଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୧୯ରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀଙ୍କୁ ବିଭାଗ ତରଫରୁ ବଦଳି ନିର୍ଦ୍ଦେଶ ହୋଇଥିଲା, ଯାହାକୁ ଚାଲେଞ୍ଜ କରି ସେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନିଜ ସ୍ୱାସ୍ଥ୍ୟଗତ ଓ ଅନ୍ୟାନ୍ୟ କାରଣ ଦର୍ଶାଇ ବଦଳିକୁ ରଦ୍ଦ କରିବା ପାଇଁ ଆବେଦନ କରିଥିଲେ। ଉଚ୍ଚତମ ନ୍ୟାୟାଳୟ ତାଙ୍କ ଆବେଦନକୁ ଭିତ୍ତିକରି ୪ ସପ୍ତାହ ପର୍ଯ୍ୟନ୍ତ ବଦଳି ନିର୍ଦ୍ଦେଶକୁ ସ୍ଥଗିତ ରଖିବା ସହ ପୌରପାଳିକାରେ ବନମାଳୀ ଶତପଥୀ କାର୍ଯ୍ୟ ତୁଲାଇବେ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗତ ୧ ତାରିଖରେ ଅନ୍ୟ ଜଣେ ଅଧିକାରୀ ସୁଜିତ କୁମାର ଚୌଧୁରୀ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ପହଞ୍ଚିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳବତ୍ତର ରହିଥିବା ବେଳେ ନୂତନ ଭାବେ ଆସିଥିବା ଅଧିକାରୀ ସୁଜିତ ଚୌଧୁରୀ ବିଭିନ୍ନ ଫାଇଲରେ ଦସ୍ତଖତ କରୁଥିବା ଜଣାପଡ଼ିଛି। ପୂର୍ବତନ ନିର୍ବାହୀ ଅଧିକାରୀ କୌଣସି ଦାୟିତ୍ୱ ହସ୍ତାନ୍ତର କରିନଥିବା ବେଳେ ଦାୟିତ୍ୱ ଗ୍ରହଣ ନକରି ନୂତନ ନିର୍ବାହୀ ଅଧିକାରୀ ଆସିଥିବା ଶ୍ରୀ ଚୌଧୁରୀ ୬୦ରୁ ଅଧିକ ଫାଇଲରେ ଦସ୍ତଖତ କରିବା ସହ କାର୍ଯ୍ୟ ଆରମ୍ଭ କରିଦେଇଥିବା ଜଣାପଡ଼ିଛି।

ସୋମବାର ଗଜପତି ଜିଲାରେ ପରିକ୍ରମା ପ୍ରକଳ୍ପ ନିମନ୍ତେ ଜିଲାର ବିଭିନ୍ନ ବ୍ଲକ ଓ ପୌରପାଳିକାରୁ ଲୋକଙ୍କୁ ନେଇ ବସ୍ ଯୋଗେ ପୁରୀ ଗସ୍ତର କାର୍ଯ୍ୟକ୍ରମ ରହିଥିଲା। ସେହି କାର୍ଯ୍ୟକ୍ରମ ପାଇଁ ପ୍ରତି ବସ୍ ପିଛା ଖର୍ଚ୍ଚ ବାବଦକୁ ୫୦ହଜାର ଦେବାକୁ ନିର୍ଦ୍ଦେଶନାମା ରହିଛି। ହେଲେ ଏହି ଖର୍ଚ୍ଚ ବାବଦକୁ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ନେଇ ଉଭୟ ଅଧିକାରୀଙ୍କ ମଧ୍ୟରେ ବଚସା ହାଇଥିଲା। ଶେଷରେ ବନମାଳୀ ଶତପଥୀ କିଛି ବିଭାଗୀୟ ଅଧିକାରୀଙ୍କ ଚାପରେ ନୂତନ ନିର୍ବାହୀ ଅଧିକାରୀ ଚୌଧୁରୀଙ୍କୁ ଟଙ୍କା ଉଠାଣ ଦାୟିତ୍ୱ ହସ୍ତାନ୍ତର କରିଥିବା କହିଛନ୍ତି। ତେବେ ଏହି ନ୍ୟାୟାଳୟ ନିର୍ଦ୍ଦେଶ ଅବମାନନା ପ୍ରସଙ୍ଗ ହାଇକୋର୍ଟରେ ସେ ଉପସ୍ଥାପନ କରିବେ ବୋଲି ନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି।

## ସାନଭାଇଙ୍କୁ ହତ୍ୟା ଘଟଣା

# ବଡ଼ଭାଇ, ପୁତୁରା ଗିରଫ

ଗୋପାଳପୁର,୫।୨ (ନବୀନ ରାଜ ଆଚାରୀ): ଗଞ୍ଜାମ ଜିଲା ଗୋଳନ୍ଥରା ଥାନା କୋଇଠା ଗ୍ରାମ ଓଡିଆରପି କଲୋନୀରେ କିଆବାଡ଼କୁ କେନ୍ଦ୍ର କରି ସାନଭାଇକୁ ହତ୍ୟା ଘଟଣାରେ ସୋମବାର ପୋଲିସ ବଡ଼ଭାଇ ଓ ପୁତୁରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଇଠା ଗ୍ରାମର ସୁରେନ୍ଦ୍ର ବେହେରା (୬୫) ଓ ପୁତୁରା ମୋହନ ବେହେରା



(୩୨)। ତାଙ୍କ ଠାରୁ ହତ୍ୟାରେ ବ୍ୟବହୃତ ହୋଇଥିବା କୁରାଢ଼ି କାତି ସହ ରକ୍ତଭିଜା ଲୁଗା ଜବତ ହୋଇଛି।

# ରାୟଗଡ଼ା ଆଇଟିଆଇ-ଟିପିଏସ୍‌ଓଡିଏଲ୍ ବୁଝାମଣା

ବ୍ରହ୍ମପୁର,୫।୨ (ସ୍ମୃତି ରଞ୍ଜନ ମହାଲିକ)

ଦକ୍ଷତା ବିକାଶ ଓ ସୁରକ୍ଷା କ୍ଷେତ୍ରକୁ ପ୍ରାଥମିକତା ଦେଇ ଟିପିଏସ୍‌ଓଡିଏଲ ପକ୍ଷରୁ ରାୟଗଡ଼ା ସରକାରୀ ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ସହ ଏକ ବୁଝାମଣା ପତ୍ର ସୋମବାର ସ୍ୱାକ୍ଷରିତ ହୋଇଛି। ବ୍ରହ୍ମପୁରଠାରେ କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଓ ଆଇଟିଆଇର ଅଧ୍ୟକ୍ଷ ଅତୁଲ୍ୟ କୁମାର ପଣ୍ଡା ଉପସ୍ଥିତ ରହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଟିପିଏସ୍‌ଓଡିଏଲରେ କାର୍ଯ୍ୟକ୍ଷମ ଥିବା ଶିଳ୍ପ ସାପେକ୍ଷ ସୁରକ୍ଷିତ କାର୍ଯ୍ୟ କ୍ଷେତ୍ର ସଂପର୍କରେ ଛାତ୍ରୀଛାତ୍ରମାନେ ତାଲିମ ଗ୍ରହଣ କରିବେ। ଏଥିପୂର୍ବରୁ କମ୍ପାନୀ ପକ୍ଷରୁ ବ୍ରହ୍ମପୁର ଓ ହିଞ୍ଜିଳିକାଟୁସ୍ଥିତ ସରକାରୀ ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ ସହ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏ ନେଇ ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ଯେ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ସହଭାଗିତାରେ ଆମେ ଦକ୍ଷତା ବିକାଶ ଓ ସୁରକ୍ଷା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛୁ। ଏଥିସହ ଅନୁଷ୍ଠାନ ଓ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ପ୍ରଭେଦକୁ ଦୂର କରିବା ସହ ଭବିଷ୍ୟତରେ



ମାନବସମ୍ବଳକୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛୁ। ଏପରିକି କର୍ମକ୍ଷେତ୍ରରେ ଏକ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ନେଇ ଏଭଳି ପଦକ୍ଷେପ ଜାରିରହିବ ବୋଲି ସେ କହିଛନ୍ତି।

### ସିପିଆଇ ବଉଳଝୋଳି ଶାଖାର ସମ୍ମିଳନୀ

ବ୍ରହ୍ମପୁର,୫।୨(ନରସିଂହ ସାହୁ): ସିପିଆଇ ବ୍ରହ୍ମପୁର ଆଞ୍ଚଳିକ କମିଟିର ବଉଳଝୋଳି ଶାଖାର ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତୃତ୍ୱ ଏନଡିଏ ସରକାରଙ୍କୁ ଆସନ୍ତା ନିର୍ବାଚନରେ ଗାଦିଚ୍ୟୁତ କରିବା ପାଇଁ ଗଣତନ୍ତ୍ରପ୍ରେମୀ ଲୋକଙ୍କୁ ଆହ୍ୱାନ ଦିଆଯାଇଛି। ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟି ଜୋନାଲ ସମ୍ପାଦକ କାମଦେବ ନାହାକ ଓ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଜେନା ସମବେତ କ୍ୟାଡରମାନଙ୍କୁ ଉଦବୋଧନ ଦେଇଥିଲେ। ବାବୁ ବିଶୋୟୀ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବର୍ଷକ ପାଇଁ ବଉଳଝୋଳି ଶାଖାର ନୂଆ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ରୋହିତ ବିଶୋୟୀ ସମ୍ପାଦକ ଓ କେଦାର ବିଶୋୟୀ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

### ସୁଡ୍ରା ହାଇସ୍କୁଲର ଷଷ୍ଠ ବାର୍ଷିକୋତ୍ସବ

ବାଲିଗୁଡ଼ା,୫।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ସ୍ମିତାରାଣୀ ସାହୁ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ଅତିରିକ୍ତ ମଙ୍ଗଳ ଅଧିକାରୀ ବିଭୀଷଣ ଭୋଇ, ବାରଖମା ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ କହଁର ଏବଂ ଏସ୍‌ଏମ୍‌ସି ସଭାପତି ବିଭୂତି ଭୂଷଣ ମଲିକ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପ୍ରଥମେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା



ରାଇକିଆ,୫।୨(ପ୍ରଦୀପ ବେହେରା)

ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା 'ମୋ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗ୍ରାମପଞ୍ଚାୟତ ଉନ୍ନତିର ବିକାଶ ଜନସାଧାରଣଙ୍କ ନିକଟରେ କିପରି ପହଞ୍ଚିବ ସେ ନେଇ ରାଜ୍ୟ ସରକାର ଏକ ପ୍ରୟାସ ଆରମ୍ଭ କରିଛି। ଏ ନେଇ ଏକ ସଚେତନତା ଶିବିର ସୋମବାର ରାଇକିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସରପଞ୍ଚ ଗୀତାଞ୍ଜଳୀ ନାୟକଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ସମିତି ଅଧ୍ୟକ୍ଷ ପ୍ରିତମ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମଣ୍ଡଳଙ୍କ ସହ ଏବିଡିଓ ଦିବ୍ୟସିଂ କହଁର, ଜିପିଓ କୈଳାସ ଚନ୍ଦ୍ର ପାଢ଼ି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକ ଯୋଗଦେଇ ତୃଣମୂଳ ସ୍ତରରୁ ଏହି ଯୋଜନା କିପରି କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶୀତ ହୋଇଥିଲା। ଓଡ଼ିଶା ସରକାରଙ୍କ ୫-ଟି ଯୋଜନାରେ ବିଦ୍ୟାଳୟ, ସ୍ୱାସ୍ଥ୍ୟ, ପରିମଳ, ବାସଗୃହ ପରି ଅନେକ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ବ୍ଲକ ଓ ପଞ୍ଚାୟତ କର୍ମଚାରି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନିଷ୍କ୍ରମଣ ଉତ୍ସବ

ଛତ୍ରପୁର, ୫।୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନିଷ୍କ୍ରମଣ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସମିତିର ଉପସଭାପତି ଗୀତା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସିଟି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କୁନି ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସଂପାଦକ ପଦ୍ମ ଚରଣ ସାହୁ ଶିଶୁଙ୍କୁ ଚରିତ୍ରବାନ ହେବାପାଇଁ ଉପଦେଶ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଟି. ସୁରେଶ କୁମାର ଆଚାରୀ ଶିଶୁଙ୍କ ବୋର୍ଡ ପରୀକ୍ଷା ସମ୍ବନ୍ଧୀୟ କିଛି ଟିପ୍ସ ପ୍ରଦାନ କରିଥିଲେ। ଅନୁଷ୍ଠାନର ଶିଶୁଙ୍କ ଆଗାମୀ ଭବିଷ୍ୟତ ସୁନ୍ଦର ଓ ସୁସ୍ଥ ନିମନ୍ତେ ସ୍ଥାନୀୟ ଗୌରୀଶଙ୍କର ମନ୍ଦିରରେ ବିଦ୍ୟାଳୟର ଆଚାର୍ଯ୍ୟ ମନୋରଞ୍ଜନ ଦାଶ ଓ ଅମିତ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ଶ୍ରୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ପରିଚାଳନା ସମିତିର କୋଷାଧ୍ୟକ୍ଷ ଏ. ରାବଣା ରାଓ ଉପସ୍ଥିତ ଥିଲେ।

### କାର୍ ସହ ବାଇକ୍ ଧକ୍କା, ୧ ମୃତ

ଫୁଲବାଣୀ,୫।୨(ରାକେଶ କୁମାର ରାଉତ):

ଫୁଲବାଣୀ ସଦର ଥାନା କେରେଡ଼ି ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଇକିଆ ଥାନା ମାଣିକେଶ୍ୱର ପଞ୍ଚାୟତ ଶିଶପାଙ୍ଗା ଗାଁର ଯୁଗଳ ପ୍ରଧାନ। ଯୁଗଳ ତାଙ୍କ ସମ୍ପର୍କୀୟଙ୍କୁ ନେଇ ଗାଁରୁ ଫୁଲବାଣୀ ଅଭିମୁଖେ ଏକ ବାଇକରେ ଯାଉଥିଲେ। କେରେଡି ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଅସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଯୁଗଳଙ୍କ ମୃତ୍ୟୁ ଘଟିଥିଲା ବେଳେ ବାଇକ ଆରୋହୀ ଗୁରୁତର ହୋଇଥିଲେ।

# ମୁଣ୍ଡିଗଡ଼ ପଞ୍ଚାୟତସ୍ତରୀୟ ସଚେତନତା

ତୁମୁଡ଼ିବନ୍ଧ,୫।୨(ଦୀପକ କୁମାର ପରାସେଠ)



ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜମିତା ମଲିକଙ୍କ ଅଧ୍ୟକ୍ଷତା ଓ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରିଧାରୀ କହଁର ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝି ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡା ପୂର୍ବତନ ବିଧାୟକ ରାଜୀବ ପାତ୍ର, ଜିଲା ପରିଷଦ ନବୀନ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ସୋରେନ, ମୁଣ୍ଡିଗଡ଼ ଗ୍ରାମ ପଞ୍ଚାୟତ ବିଜେଡି ସଭାପତି କମଳାକାନ୍ତ ପାତ୍ର, ପୂର୍ବତନ ଜିଲର ପରିଷଦ ଉପାଧ୍ୟକ୍ଷ ନେତ୍ର ମାନସେଟ, ବିଜେଡି ବରିଷ୍ଠ କର୍ମୀ ଯୋହନ ବାରିକ, ତୁମୁଡିବନ୍ଧ ବ୍ଲକ ବିଜେଡି ସଭାନେତ୍ରୀ ରାଣୁବାଳା ମହାନ୍ତି, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଜ୍ୟୋତିରଞ୍ଜନ ବେହେରା, ତୁମୁଡିବନ୍ଧ ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରିଧାରୀ କହଁର ପରିଚାଳନା କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ବିଭିନ୍ନ ୱାର୍ଡ ଓ ଗ୍ରାମରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ମିଶନ ଶକ୍ତିର ସମସ୍ତ ସିଆର୍‌ପିମାନେ। ନାଟକ ମାଧ୍ୟମରେ ସରକାରଙ୍କ ଯୋଜନାଗୁଡ଼ିକର ଫାଇଦା ବିଷୟରେ ସଚେତନତା କରାଯାଇଥିଲା।

### ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

ଦିଗପହଣ୍ଡି,୫।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ମଧୁ ବିଦ୍ୟାପୀଠ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅନିଲ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ କୋରେଶ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏବିଇଓ ବାଳା ମାଝୀ, ବିଶ୍ରବା ପାଇକ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ସିଆରସିସି ରବୀନ୍ଦ୍ର ବେହେରା, ମେନସନ ପ୍ରଧାନ, ସରୋଜ ସାହୁ, ବାବୁଲାଲ ନାୟକ, ସୁବ୍ରତ ପଣ୍ଡା, ଦେବେନ୍ଦ୍ର ବେହେରା ଯୋଗଦେଇ ଥିଲେ। ଶିକ୍ଷକ ଉପେନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ୩୫୪୦ ଶ୍ରଦ୍ଧାଳୁଙ୍କ ପୁରୀ ଗସ୍ତ

ପାରଳାଖେମୁଣ୍ଡି, ୫।୨ (ଗିରିଧାରୀ ପରିଛା): ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସୋମବାର ଗଜପତି ଜିଲାରୁ ୩୫୪୦ ଜଣ ଶ୍ରଦ୍ଧାଳୁଙ୍କୁ ଜିଲା ପ୍ରଶାସନ ତରଫରୁ ପୁରୀ ନିଆଯାଇଛି । ପାରଳାଖେମୁଣ୍ଡି ପୌରପରିଷଦରୁ ୭ଟି ବସ୍‌ରେ ୩୨୦ ଜଣ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୬ଟି ବସରେ ୨୬୦ଜଣ, ମୋହନା ବ୍ଲକରୁ ୧୬ଟି ବସ୍‌ରେ ୭୮୦ଜଣ, ରା.ଉଦୟଗିରି ବ୍ଲକରୁ ୭ଟି ବସ୍‌ରେ ୩୪୦ ଜଣ, ନୂଆଗଡ ବ୍ଲକରୁ ୮ଟି ବସରେ ୩୮୦ ଜଣ, ରାୟଗଡ଼ ବ୍ଲକରୁ ୯ଟି ବସରେ ୪୨୦ ଜଣ, ଗୋଷାଣୀ ବ୍ଲକରୁ ୯ ବସ୍‌ରେ ୪୨୦ ଜଣ, କାଶୀନଗର ବ୍ଲକରୁ ୫ଟି ବସରେ ୨୪୦ ଓ ଗୁମ୍ମା ବ୍ଲକରୁ ୮ଟି ବସରେ ୩୮୦ଜଣ ଶ୍ରଦ୍ଧାଳୁ ପୁରୀ ଯାଉଥିବା ବେଳେ ୯୫ ଜଣ ନୋଡାଲ ଅଧିକାରୀ ନିଯୁକ୍ତ ଅଛନ୍ତି। ଏହି ଶ୍ରଦ୍ଧାଳୁଙ୍କ ସମସ୍ତ ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବା ସହ ପରିକ୍ରମା ପ୍ରକଳ୍ପ ଓ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ବନ୍ଦୋବସ୍ତ କରାଯାଇଥିବା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ କହିଛନ୍ତି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥି।

ଜି.ଉଦୟଗିରି,୫।୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍‌ଏସି ତରଫରୁ ବିଜୁ କଲ୍ୟାଣ ମଣ୍ଡପଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଂଯୋଜକ ପ୍ରଭାତ ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଭାଷା ସମ୍ମିଳନୀ ସଭାରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ସଢଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ସାହିତ୍ୟିକ ଶିଶିର ପଟ୍ଟନାୟକ, ଅଧ୍ୟାପକ ଡ଼ ନଳିନୀ କୁମାର ପାଣିଗ୍ରାହୀ, ଅଧ୍ୟାପିକା ସୁପ୍ରିୟା ମହାନ୍ତି, ସାହିତ୍ୟିକ ଡାକ୍ତର ସତ୍ୟନାରାୟଣ ପଟ୍ଟନାୟକ, ପ୍ରେସ କ୍ଲବ ସଭାପତି ଅରୁଣ କୁମାର ସଢଙ୍ଗୀ, ଶିକ୍ଷକ କେଶବ ପ୍ରଧାନ, କାଉନସିଲର ନନ୍ଦିତା ପ୍ରଧାନ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟର ଅତୀତ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ତୁମୁଡ଼ିବନ୍ଧ ବ୍ଲକରେ କଂଗ୍ରେସର ମିଶ୍ରଣ ପର୍ବ

ଫୁଲବାଣୀ, ୫।୨(ରାକେଶ କୁମାର ରାଉତ )

ନିର୍ବାଚନ ପାଇଁ ଏବେ ସବୁ ଦଳ ନିଜର ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ବେଳେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକରେ ହାଇ ଭୋଲ୍ଟେଜ ଡ୍ରାମା ଦେଖିବାକୁ ମିଳିଛି। ଗତ କିଛିବର୍ଷ ଧରି ବାଲିଗୁଡା ବିଧାନସଭା ଆସନ ବିଜେଡିରେ ରହି ଆସିଛି। ଏବେ କଂଗ୍ରେସ ଏଠାରୁ ନିଜର ମିଶ୍ରଣ ପର୍ବ ଆରମ୍ଭ କରିଛି।

ରବିବାର କଂଗ୍ରେସ ନେତା ମାଲିପଡା ଛକରେ ଏକତ୍ରିତ ହୋଇ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହାପରେ ଜଲେଶପଟ୍ଟା ଧାଙ୍ଗିଡିଘାଟି ପଡ଼ିଆରେ ହେଉଥିବା ସାଧାରଣ ସଭାରେ ଯୋଗ ଦେଇଥିଲେ। ତୁମୁଡ଼ିବନ୍ଧ ବ୍ଲକର ଝିରିପାଣି ପଞ୍ଚାୟତର ବହୁ ବିଜେଡି କର୍ମୀ, ସରପଞ୍ଚ, ସମିତି ସଭ୍ୟ, ୬ ଜଣ ୱାର୍ଡ ମେମ୍ବର ବିଜେଡି ଚାଡ଼ି ବିନ୍ଧି ବଧ ଭାବେ କଂଗ୍ରେସରେ ସାମିଲ ହୋଇଥିଲେ। ସେହିଭଳି ବିଲାମାଳ, ବେଲଘର୍ ପଞ୍ଚାୟତର ଶତାଧିକ କର୍ମୀ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ବିଜେଡିର ଟାଣୁଆ ନେତା ତଥା ପୂର୍ବତନ ଏମ୍‌ପି ପ୍ରତିନିଧି ଶ୍ୟାମ ସୁନ୍ଦର ବଡସେଟ, ତୁମୁଡିବନ୍ଧ ବ୍ଲକର ପୂର୍ବତନ ସରପଞ୍ଚ ମୟନ୍ତୀ ପାଟମାଝି, ବରିଷ୍ଠ ବିଜେଡି ନେତା ବଙ୍ଗାଳି ବଡ଼ସେଠ, ସୁରୁଦା ପ୍ରଧାନ ଏବଂ ଆଶିଷ ନାୟକ ପ୍ରମୁଖ ଦଳରେ ଯୋଗ ଦେଇଥିଲେ।



କଂଗ୍ରେସରେ ସାମିଲ ହେଉଥିବା ଅନ୍ୟ ଦଳର କର୍ମୀ।

ସେହିପରି ବ୍ଲକ କଂଗ୍ରେସ ସଭାପତି ଗିରିଶ ପରାସେଠ, ପି.ସି.ସି ସଦସ୍ୟ ରାମକୃଷ୍ଣ ପାଢ଼ୀଙ୍କ ନେତୃତ୍ୱରେ ଆଉ ଏକ ମହାମିଶ୍ରଣ ପର୍ବ ତୁମୁଡ଼ିବନ୍ଧ ବ୍ଲକଠାରେ ଆୟୋଜନ କରାଯାଇଥିଲା। ଏଥିରେ ତୁମୁଡିବନ୍ଧ ବ୍ଲକ ଏବଂ କୋଠଗଡ଼ ବ୍ଲକର ଶତାଧିକ ବିଜେଡି ଏବଂ ଭାଜପାର ନିର୍ବାଚିତ ପ୍ରତିନିଧି ଓ ପୂର୍ବ ଜନ ପ୍ରତିନିଧିମାନେ ନିଜ ଦଳରୁ ପ୍ରାଥମିକତା ପଦରୁ ଇସ୍ତଫା ଦେଇ ପୂର୍ବତନ ଏମ୍‌ପି ତଥା ପ୍ରଦେଶ କଂଗ୍ରେସ ରାଜ୍ୟ ଉପ ସଭାପତି ନକୁଳ ନାୟକ ଏବଂ ଜିଲା ସଭାପତି ଅନାମ ନାୟକଙ୍କ ଉପସ୍ଥିତରେ କଂଗ୍ରେସରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

# ୪ ବର୍ଷରେ ୧୯.୪୮ କୋଟି ଜରିମାନା ଆଦାୟ

**ଟ୍ରାଫିକ ସମସ୍ୟାରେ ସୁଧାର ପାଇଁ ପୋଲିସର ପ୍ରୟାସ**

ବ୍ରହ୍ମପୁର,୫।୨ ( ସୁବାସ ଚନ୍ଦ୍ର ପାଢ଼ୀ): ସହରର ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ସହ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ ପୋଲିସ ତା'ର ପ୍ରୟାସ ଜାରି ରଖିଛି। ଗତ ୪ ବର୍ଷରେ ୧୯ କୋଟି ୪୮ ଲକ୍ଷ ୭୧ ହଜାର ଟଙ୍କା ଜରିମାନା ଆଦାୟ କରିଛି। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମଙ୍କ ନର୍ଦ୍ଦେଶକ୍ରମେ ସହରରେ ପୋଲିସ ଏବେ ତିନି ଜଣିଆ ବାଇକ ଆରୋହୀ(ଟ୍ରିପଲ ରାଇଡିଂ), ଭୁଲ ରାସ୍ତାରେ ଗାଡି ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ସହ ବିନା ହେଲମେଟରେ ଗାଡି ଚଳାଉଥିବା ଅମାନିଆଙ୍କୁ ସାବାଡ଼ ପାଇଁ ଧରପଗଡ ଆରମ୍ଭ କରିଛି। ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ଟ୍ରାଫିକ ପୋଲିସ ୬୯ ହଜାର ୯୧୮ ଅମାନିଆଙ୍କ ଠାରୁ ୬ .୮୮ କୋଟି ୭ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ୧୪୫୬ ଅମାନିଆଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରି ରଦ୍ଦ ପାଇଁ ଆଞ୍ଚଳିକ ପରିବହନ ବିଭାଗକୁ ପଠାଇଛି। ଆଗାମୀ ଦିନରେ ଯାଞ୍ଚ କଡାକଡି କରାଯିବ ବୋଲି ଟ୍ରାଫିକ ଥାନାଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ କହିଛନ୍ତି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପୋଲିସ ପକ୍ଷରୁ ଏହି ଯାଞ୍ଚ କରାଯାଉଛି। ସହରର ବ୍ଲାକସ୍ପଟ ଭାବେ ଚିହ୍ନଟ ଲାଞ୍ଜିପଲ୍ଲୀ ବାଇପାସ, କମାପଲି, ଗେଟବଜାର ସମେତ ଚର୍ଚ୍ଚରୋଡ, ଅନ୍ନପୂର୍ଣ୍ଣା ମାର୍କେଟ, ଆସିକା ରୋଡ ଅଞ୍ଚଳରେ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଉଛି। ସହରର ବିଭିନ୍ନ ଛକରେ ଲାଗିଥିବା ସିସି କ୍ୟାମେରାରେ ଯେଉଁମାନେ ଧରାପଡ଼ନ୍ତି ସେମାନଙ୍କ ମୋବାଇଲକୁ ଇ-ଚାଲାଣ ପଠାଯାଉଥିଲା। ଏବେ ଏହାକୁ କଡ଼ାକଡ଼ି କରାଯାଇଛି। ଆଇଟିଏମ୍ସ ବ୍ୟବସ୍ଥା ସହିତ ପୋଲିସ ସହରର ବିଭିନ୍ନ ଛକରେ ଜଗି ରହି ହେଲମେଟ ଯାଞ୍ଚ କରୁଛି। ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି କରିବାକୁ ୨୦୧୯ ସେପ୍ଟେମ୍ବର ୧ରୁ ବ୍ରହ୍ମପୁର ମହାନଗରରେ ଆଇଟିଏମଏସ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବ୍ରହ୍ମପୁର ମହାନଗରରେ ୩ କୋଟି ୭୨ଲକ୍ଷ ଟଙ୍କା ବ୍ୟୟରେ କାନା ବୈଷୟିକ ଜ୍ଞାନକୌଶଳକୁ ଅବଲମ୍ବନ କରି ସମନ୍ୱିତ ଟ୍ରାଫିକ ପରିଚାଳନା ସିଷ୍ଟମ(ଆଇଟିଏମଏସ)କୁ କାର୍ଯ୍ୟକାରୀ କରାଯାଇଥିଲା। ଏହାଦ୍ୱାରା ବିପର୍ଯ୍ୟସ୍ତ ଟ୍ରାଫିକରେ ସୁଧାର ଆଣିବା ସହ ସିସି କ୍ୟାମେରା ଜରିଆରେ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖାଯାଉଛି ବୋଲି ସେ କହିଛନ୍ତି। ୨୦୨୩ରେ ୬ କୋଟି ୮୮ ଲକ୍ଷ ୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୬୯୯୧୮ଟି ଗାଡ଼ି ଚେକିଂ କରାଯାଇ ୧୪୫୬ଟି ଡିଏଲ୍ ବାତିଲ କରାଯାଇଛି। ସେହିପରି ୨୦୨୨ରେ ୬ କୋଟି ୫ଲକ୍ଷ ୪୬ ହଜାର ଜରିମାନା ଆଦାୟ କରାଯାଇଛି ଓ ୬୩୨୯୪ ଗାଡ଼ି ଚେକିଂ କରାଯାଇ ୨୦୮୦ଟି ଡିଏଲ୍ ବାତିଲ କରାଯାଇଛି। ସେହିପରି ୨୦୨୧ରେ ୩ କୋଟି ୬୧ଲକ୍ଷ ୮୨ ହଜାର ଟଙ୍କା ଜରମିନା ଆଦାୟ କରାଯାଇଛି। ୩୭୫୧୫ ଗାଡ଼ି ଚେକିଂ କରାଯାଇ ୨୪୯୮ଟି ଡିଏଲ ବାତିଲ କରାଯାଇଛି। ୨୦୨୦ରେ ୨ କୋଟି ୩୩ଲକ୍ଷ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୪୧୦୦୭ଟି ଗାଡ଼ି ଚେକିଂ କରାଯାଇ ୬୩୭ଟି ଡିଏଲ୍ ବାତିଲ କରାଯାଇଛି। ଏହି ୪ବର୍ଷରେ ମୋଟ୍ ୧୯କୋଟି ୪୮ଲକ୍ଷ ୭୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨ଲକ୍ଷ ୧୧ ହଜାର ୭୩୪ଟି ଗାଡ଼ି ଚେକିଂ କରାଯାଇ ୬୬୬୫ଟି ଡିଏଲ ବାତିଲ କରାଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଅଧ୍ୟାପକଙ୍କ ବିୟୋଗରେ ଶୋକସଭା

ଭଞ୍ଜନଗର,୫।୨(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ଡ. ଆମାସ ପାଟମାଝୀଙ୍କ ବିୟୋଗରେ ସୋମବାର କଲେଜରେ ଏକ ଶୋକ ସଭା ହୋଇଥିଲା। ଏଥିରେ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରି ସ୍ୱର୍ଗତ ଆମାସଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ। ପ୍ରଧାପିକା ଆରତୀବାଳା ପ୍ରଧାନ, ପ୍ରାଧ୍ୟାପକ ବିଭାସ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଆର.ଏନ୍. ପାଲ ଓ ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

### ଓକିଲମାନଙ୍କ ସମସ୍ୟା ସମାଧାନ ଦାବି

ଛତ୍ରପୁର,୫।୨(ସନ୍ତୋଷ ପାଢ଼ୀ): ଓଡିଶା ରାଜ୍ୟରେ କାର୍ଯ୍ୟରତ ଓକିଲମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ପୂରଣ ନେଇ ଇଣ୍ଡିଆନ ଆସୋସିଏସନ ଅଫ ଲୟର୍ସ ଓଡିଶା ଚାପ୍ଟରର ସଦସ୍ୟଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ବରିଷ୍ଠ ଓକିଲ ଗୋକୁଳ ପଣ୍ଡା, ଓକିଲ ଆଦିତ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦାବିଗୁଡିକ ମଧ୍ୟରେ ଓକିଲମାନଙ୍କ ପାଇଁ ପ୍ରୋଟେକ୍ସନ ଆକ୍ଟ ପ୍ରଣୟନ କରିବା, ମୃତ୍ୟୁକାଳୀନ ସହାୟତା ଯୋଜନାରେ ସହାୟତା ରାଶି ୪.୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ମଧୁବାବୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ୧୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା, ଯୁବ ତଥା ନୂତନ ଓକିଲମାନଙ୍କ ପାଇଁ ମାସିକ ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ବ୍ୟବସ୍ଥା ଏବଂ ଓକିଲ ପେନସନ ଯୋଜନାରେ ବୟସ ସୀମା ୬୫ ରୁ ୬୦ ବର୍ଷକୁ କମାଇବା ସହ ମାସିକ ୨୫୦୦ ଟଙ୍କା ରୁ ୫ ହଜାର ଟଙ୍କାକୁ ବୃଦ୍ଧି କରିବା ରହିଛି।

### ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

ପୁରୁଷୋତ୍ତମପୁର,୫।୨(ସୀମାଞ୍ଚଳ ମିଶ୍ର) ପୁରୁଷୋତ୍ତମପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ସୋମବାର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ଡାକୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୂତସରସିଙ୍ଗି ହାଇସ୍କୁଲର ପ୍ରଧାନ ଶିକ୍ଷକ ଜଗବନ୍ଧୁ ଦଳେଇ ପୌରୋହିତ୍ୟ କରିଥିବା ବେଳେ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ଭଗବାନ ତ୍ରିପାଠୀ, ବିରିଷ୍ଟ ଓକିଲ ଅକ୍ଷୟ କୁମାର ବେହେରା, ପ୍ରତାପ କେଶରୀ ଦାମଲ, ହେମନ୍ତ କୁମାର ବେହେରା, ରାଜେନ୍ଦ୍ର ସାସମଲ, ଅବସରପ୍ରାପ୍ତ ଶିକ୍ଷକ ହରିହର ପଣ୍ଡା ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାକୁ ଶିକ୍ଷକ ତାରିଣୀ ଦାଶ, ଶିକ୍ଷୟିତ୍ରୀ କବିତା ସାହୁ, ସୁନାରାଣୀ ପାଳ ପରିଚାଳନା କରିଥିଲେ।

### ଓଡ଼ିଆ ଭାଷା ସମ୍ମିଳନୀ

ରମ୍ଭା,୫।୨(ବନବାସୀ ସେଠୀ): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ଅଧକ୍ଷତାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ – ୨୦୨୪ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରୀ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର, ଓଡ଼ିଆ ପ୍ରାଧ୍ୟାପକ ଡ଼ଃ ବିଜୟାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଚରଣ ଜେନା, ଅଧକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଜଗନ୍ନାଥ ଦାଶଙ୍କ ମନ୍ତ୍ରରେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ ସହ ବନ୍ଦେ ଉତ୍କଳ ଜନନୀ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

### ଓଡ଼ିଶା ଜୁନିୟର ହ୍ୟାଣ୍ଡବଲ ଦଳରେ ଗଞ୍ଜାମର ୪ ଖେଳାଳି

ବ୍ରହ୍ମପୁର,୫।୨ (ତନୁଶ୍ରୀ ନାହାକ): ଫେବୃଆରୀ ୭ରୁ ୧୧ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଚିତୋର ଠାରେ ଜାତୀୟ ଜୁନିୟର ବାଳକ ଓ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ପାଇଁ ଗଞ୍ଜାମର ୪ ପ୍ରତିଯୋଗୀ ରାଜସ୍ଥାନ ଯାତ୍ରା କରିଛନ୍ତି। ଏମାନଙ୍କ ମଧ୍ୟରେ ୨ ବାଳକ ଓ ୨ ବାଳିକା ଅଛନ୍ତି। ପ୍ରତିଯୋଗୀମାନେ ହେଲେ ଉଜ୍ୱଳ ସ୍ୱାଇଁ, ରୁଦ୍ର ମାଧବ ସାହୁ, ସୁଶ୍ରୀ ସ୍ୱସ୍ତିକା ପାତ୍ର, ଶ୍ରୀୟାରାଣୀ ନାୟକ। ପ୍ରତିଯୋଗୀମାନେ ଦୀର୍ଘ ଦିନ ଧରି ବ୍ରହ୍ମପୁର ଖଲିକୋଟ କଲେଜ ଖେଳ ପଡ଼ିଆଠାରେ ଏନ୍‌ଆଇଏସ୍ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ୍ ନେଉଛନ୍ତି। ଖେଳାଳିଙ୍କୁ ଜିଲା ହ୍ୟାଣ୍ଡବଲ୍ ସଂଗଠନର ସଭାପତି ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, କୋଷାଧକ୍ଷ ଡାକ୍ତର ସିଏଚ୍.ମନୋଜ କୁମାର ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

ବ୍ରହ୍ମପୁର,୫।୨ (ତନୁଶ୍ରୀ ନାହାକ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭିଭି ଗିରି ବାଳିକା ଉଚ୍ଚବିଦ୍ୟାଳୟ ଠାରେ ସୋମବାର ଜିଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ଚାନ୍ଦିନୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ମୁଖ୍ୟ ଅତିଥି ଥିଲେ। ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ନେଇ ଯଦି ଇତିହାସ ଅନୁଧ୍ୟାନ କରାଯାଏ ତେବେ ଗଞ୍ଜାମ ଜିଲା ଏହାର ଏନ୍ତୁଡ଼ି ଶାଳ ବୋଲି ମୁଖ୍ୟ ଅତିଥି କହିଥିଲେ। ମେଡିକାଲ କ୍ୟାମ୍ପସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଡ଼.ପ୍ରଭାତୀ ମହାପାତ୍ର, ସମ୍ମାନନିତ ଅତିଥି ଭାବେ ଖଣ୍ଡଦେଉଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ଼.ଶଙ୍କର ନାରାୟଣ ବେଜ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଡ଼. ସରୋଜ ମହାନ ପଣ୍ଡା, ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରା, ନିବେଦିତା ପାଢ଼ୀ, ଶଶାଙ୍କ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର, ୫।୨ (ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବଡବଜାର ଥାନା ଫାଷ୍ଟଗେଟସ୍ଥିତ ଓମନଗର ୪ର୍ଥ ଲାଇନର ଏକ ଭଡ଼ା ଘରୁ ସୋମବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ପ୍ରଶାନ୍ତ ପାତ୍ରଙ୍କ ସ୍ତ୍ରୀ ସସ୍ମିତା ପାତ୍ର(୩୨)। ଘଟଣା ପର ଠାରୁ ତାଙ୍କ ସ୍ୱାମୀଙ୍କ ସହ ଯୋଗାଯୋଗ ସମ୍ଭବ ହେଉନଥିବାରୁ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାକୁ ନେଇ ସନ୍ଦେହ ଦେଖାଦେଇଛି। ସାଇଣ୍ଟିଫିକ ଟିମ ସହାୟତରେ ପୋଲିସ ଘଟଣାର ଛାନଭିନ କରୁଛି। ଆଲମିରାରେ ଥିବା ଆସବାବପତ୍ର ଫିଙ୍ଗାଫୋପାଡା ହୋଇଥିବାରୁ ପୋଲିସର ପ୍ରଶାନ୍ତଙ୍କ ଉପରେ ସନ୍ଦେହ ବଢ଼ିଛି। ସ୍ୱାମୀ -ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଏଭଳି କାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ସୋମବାର ପୂର୍ବାହ୍ନରେ ପ୍ରଶାନ୍ତ ଘରେ ନଥିବା ବେଳେ ସସ୍ମିତା ଦୀର୍ଘ ସମୟ ପର୍ଯ୍ୟନ୍ତ ଘର କବାଟ ଖୋଲି ନଥିଲେ। ତଳଘରେ ଭଡାରେ ଥିବା ଲୋକଙ୍କ ସନ୍ଦେହ ହୋଇଥିଲା। ଫଳରେ ସେମାନେ ସସ୍ମିତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ। ପୋଲିସ ପହଞ୍ଚିବା ବେଳକୁ ସସ୍ମିତାଙ୍କ ମୃତଦେହ ଘରର ଚଟାଣ ଉପରେ ପଡିଥିଲା। ତାଙ୍କ ବେକରେ ଏକ ଖଦୀ ଗୋଡ଼ାଇ ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲା। ଝିଅକୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ସସ୍ମିତାଙ୍କ ପିତା ଥାନାରେ ଅଭିଯୋଗ କରିଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର, ୫।୨(ଦିଲ୍ଲୀପ ସାମଲ) :


ପୁସ୍ତିକା ଉନ୍ମୋଚନ କରାଯାଉଛି।

ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ଆର୍ଯ୍ୟପଲ୍ଲୀ ଗ୍ରାମ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସମସ୍ତ ବିକାଶ ଦିଗରେ ଆଲୋଚନା କରିବା ସହିତ ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ନେଇ ଲୋକଙ୍କୁ ସଚେତନତା କରାଯାଇଥିଲା। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା। ରାଜ୍ୟ କୃଷି ବିପଣନ ନିଗମ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛତ୍ରପୁର ବ୍ଲକ ଉପାଧକ୍ଷା ଏସ. ଶାରଦା ରେଡ୍ଡୀ, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ଆର୍ଯ୍ୟପଲ୍ଲୀ ସମିତି ସଭ୍ୟା ଚୁମକି ସେଠି, ନାଏବ ସରପଞ୍ଚ ଡବ୍ଲୁ କାଲାମ୍ମା, ଗଞ୍ଜାମ ଜିଲା ମତ୍ସ୍ୟଜୀବୀ ନେତା ଏମ. ଗୁମାଲୀ, ବିଜେଡି ନେତା ବି. ଭୀମସେନ, ଆର. ଗୋବିନ୍ଦା, ଏମ. ଦିଲ୍ଲୀପ, ଜେ. ଚିନ୍ନେୟା, ଏନ. ଦେବେନ୍ଦ୍ର, କାହ୍ନୁ ଚରଣ ବେହେରା, ଶ୍ରମିକ ନେତା ଶଙ୍କରପ୍ରସାଦ ଦାଶ, ଯୁବନେତା ବାପି ଦାସ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ମଥୁରା ଚରଣ ସୁବୁଦ୍ଧି ଓ ଜ୍ୟୋତି ରଞ୍ଜନ ସାହୁ, ଏନ ୱାର୍ଦ୍ଧା ରାଜୁଲୁ ରେଡ୍ଡୀ, ନୀଳାଦ୍ରୀ ପ୍ରଧାନଙ୍କ ସମେତ ବହୁ ଜନପ୍ରତିନିଧି, ମିଶନ ଶକ୍ତି ମହିଳାମାନେ ଯୋଗଦେଇଥିଲେ।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୫।୨(କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସଙ୍କୁରୁ ଶ୍ରୀଭାଗବତ ସ୍ୱାମୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ପ୍ରସନ୍ନ କୁମାର ଦାସଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିକ୍ରମାଦିତ୍ୟ ଆରୁଖଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରଥମେ ସ୍ୱର୍ଗତ ପ୍ରସନ୍ନ କୁମାର ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁ, ଗୋପାଳ ଚନ୍ଦ୍ର ନାୟକଙ୍କ ସମେତ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ରଗଣ, ଅଭିଭାବକ ପ୍ରମୁଖ ଶିକ୍ଷକଙ୍କ ବିଭିନ୍ନ କାର୍ଯ୍ୟଦକ୍ଷତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ଓ କର୍ମଚାରୀମାନେ ସ୍ୱର୍ଗତ ଶିକ୍ଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର, ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବିଜେଡି କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଉଛନ୍ତି।

ଛତ୍ରପୁର,୫।୨ (ଦିଲୀପ ସାମଲ): ଛତ୍ରପୁର ନିର୍ବାଚନ ମଣ୍ଡଳୀର ଛତ୍ରପୁର ବ୍ଲକରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ବରିଷ୍ଠ ନେତାମାନେ ତୃଣମୂଳ ସ୍ତରରେ ଭୋଟରଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳ ଯୋଜନା ସମ୍ପର୍କରେ ବୁଝାଉଛନ୍ତି। ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଳିଙ୍ଗୀ ଗ୍ରାମ ପଞ୍ଚାୟତର ତେଲାପଲ୍ଲୀ ଗ୍ରାମରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ବିଜେଡି ବ୍ଲକ ସଭାପତି କାଳିଆ ନାହାକ, ଯୁବନେତା ସୁରେଶ ଦାଶ, ଲକ୍ଷ୍ମଣ ସେଠି, ବୈରାଗୀ ଚରଣ ସାହୁ ଓ କିଶୋର ବେହେରା, ବିପୁଳିଙ୍ଗି ସରପଞ୍ଚ ହିନା ସେଠିଙ୍କ ସମେତ ବହୁ ମହିଳା, ଯୁବ ଓ ଛାତ୍ର ନେତାମାନେ ସାମିଲ ଥିଲେ।

## ସହରାଞ୍ଚଳ ଭାଷା ସାହିତ୍ୟ ସମାରୋହ

ସୋରଡ଼ା, ୫।୨ ଲମ୍ବୋଦର ପାଣିଗ୍ରାହୀ):


ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

ଏନଏସି ତରଫରୁ ସହରାଞ୍ଚଳ ଭାଷା ସାହିତ୍ୟ ସମାରୋହ ସାଗରବନ୍ଧ ପଡିଆ ନିକଟରେ ପାଳିତ ହୋଇଯାଇଛି। ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସବମାରୋହରେ ସ୍ଥାନୀୟ କୋଷାଗାର ମୁଖ୍ୟ ବସନ୍ତ ବେହେରା, ପୂର୍ବତନ ଅଧକ୍ଷା ସଙ୍ଘମିତ୍ରା ସ୍ୱାଇଁ ସମେତ କାଉନସିଲରମାନେ ଯୋଗଦେଇଥିଲେ। ମୁକ୍ତା ସଂଯୋଜକ ଯତୀନ୍ଦ୍ର କୁମାର ତ୍ରିପାଠୀ ପରିଚାଳନା କରିଥିବା ବେଳେ ସହରର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଞ୍ଚଳର ସାହିତିକ, ଲେଖକମାନଙ୍କୁ ଅଧକ୍ଷ ଶ୍ରୀ ପଣ୍ଡା ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

### ମଦ ଜବତ, ଜଣେ ଗିରଫ

ବୁଗୁଡା,୫।୨(କାଳିଚରଣ ଦାଶ) ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆଠାରେ ବେଆଇନ ଚାଲାଣ ହେଉଥିବା ୨୬ ଲିଟର ଦେଶୀ ମଦ ସହ ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ଗୋଲିଆ ଗ୍ରାମ ବଡ଼ ସାହିର ସୁଶାନ୍ତ କୁମାର ଜେନାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି।

## ଦୁଇ ମାସ ନ ପୂରୁଣୁ ପାଚେରି ଫାଟି ଆଁ

ଶେରଗଡ଼, ୫।୨(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ବ୍ଲକରେ ଟାଟା ପାୱାର ପକ୍ଷରୁ ନିର୍ମାଣ ହୋଇଥିବା ଟ୍ରାନ୍ସଫର୍ମର ଗାର୍ଡ ୱାଲ (ପାଚେରି) ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଦୁଇମାସ ତଳେ ନିର୍ମାଣ ହୋଇଥିବା ପାଚେରି ଫାଟି ଆଁ ହୋଇଗଲାଣି। ଫଳରେ ଠିକାଦାରର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଅଧାରୁ ଅଧିକ ଗ୍ରାମରେ ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନେ ଉପଯୁକ୍ତ ତଦାରଖ କରୁନଥିବା ଜଣାପଡ଼ିଛି। ଏହିସବୁ ପାଚେରି ନିର୍ମାଣରେ କେଉଁ ସଂସ୍ଥା ସାମିଲ ଓ ଅଟକଳ ମୂଲ୍ୟ କେତେ, ଟେଣ୍ଡର କିଏ ନେଇଥିଲା ତାର ଉପଯୁକ୍ତ ତଦନ୍ତ ଆବଶ୍ୟକ ବୋଲି ଜନସାଧାରଣ ଦାବି କରିଛନ୍ତି।

## ୨ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,୫।୨(ବିଦ୍ୟାଧର ସାହୁ)



ଓଡ଼ିଶୀନୃତ୍ୟ ଶିଳ୍ପୀଙ୍କୁ ସମ୍ମାନିତ କରୁଛନ୍ତି ଅତିଥି।

ଗଞ୍ଜାମ ବ୍ଲକ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟବକ୍ତା ରୂପେ ବିଇଓ ଭାଗୀରଥି ବେହେରା, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ବେହେରା, ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦର ସଭାପତି ଲିଙ୍ଗରାଜ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରେସ୍ କ୍ଲବ ସଭାପତି ଶବର ତରାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଲା ନାଟ ଗାୟକ ସତ୍ୟନାରାୟଣ ଗୌଡ଼ଙ୍କ ଦ୍ୱାରା ପରିବେଷଣ ଉଚ୍ଚ କୋଟିର ହୋଇଥିଲା। ପିଲାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଧ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ୨ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଗତି ପ୍ରିୟଦର୍ଶିନୀ, ସିମ୍ରନ ବେହେରାଙ୍କ ସମେତ ନିର୍ଦ୍ଦେଶିକା ଗୀତାଞ୍ଜଳି ସ୍ୱାଇଁ, ଶିକ୍ଷୟିତ୍ରୀ ତଥା କବି ବିଦ୍ୟୁଲତା ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସିଆର୍‌ସିସି ମହେଶ ବେହେରା, ବ୍ରଜ ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାନ୍ଦୀପନୀ ବିଦ୍ୟାନିକେତନର ବାର୍ଷିକୋତ୍ସବ

ଚିକିଟି,୫।୨(ପ୍ରକାଶ ଚନ୍ଦ୍ର ସାହୁ)


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ସାନ୍ଦୀପନୀ ବିଦ୍ୟାନିକେତନର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଉକ୍ତ ଅନୁଷ୍ଠାନର ସମ୍ପାଦକ ଇ. ସୀମାଞ୍ଚଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିକିଟି ତହସିଲଦାର ବଳଦେବ ବେହେରା, ସମ୍ମାନିତ ଅତିଥିଭାବେ ଏସ୍‌ଡିପିଓ ସୁଜିତ କୁମାର ନାୟକ, ବ୍ରହ୍ମପୁରସ୍ଥିତ ସଂକଳ୍ପ ବିଦ୍ୟାଳୟର ପ୍ରତିଷ୍ଠାତା ଇ. ତେଜେଶ୍ୱର ରାଓ, ସାନ୍ଦୀପନି ବିଦ୍ୟାନିକେତନର ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ, ସଭାପତି ଏସ୍.ନାଗଭୂଷଣ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପାଟପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଏଚ୍‌ଓଡି ଡ. କୈଳାସ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପିଲାମାନଙ୍କର ପ୍ରତିଭାକୁ ବିକାଶ କରିବା ଦିଗରେ ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀ ମାନଙ୍କୁ ତାଙ୍କର କର୍ତ୍ତବ୍ୟ ଉପରେ ଅବଗତ କରିବା ସହ ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟ ବିବେକାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଗୁରୁମା ରଶ୍ମିରେଖା, ସସ୍ମିତା, ସନ୍ଧ୍ୟାରାଣୀ, ରାଜେଶ୍ୱରୀ, ଗାୟତ୍ରୀ, ଶିବାନୀ ଦିବାନି, କିଶୋରୀ ଓ ଗୁରୁଜୀ ଉମାକାନ୍ତ, ରଞ୍ଜନ, ସନ୍ତୋଷ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

